# ତହସିଲଦାରଙ୍କ କାର୍ଯ୍ୟାଳୟ, ଗୁଡ଼ାରୀ,ଜିଲ୍ଲା - ରାୟଗଡା
## ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା – ୨୩୬୯ / ୨୦୨୨ ତାରିଖ- ୧୯ .୦୯.୨୦୨୨

ଏତଦ୍ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗୁଡାରୀ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷଠାରୁ ୨୦୨୬-୨୭ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଛୁକ ବ୍ୟକ୍ତି ବିଶେଷ OMMC Rules, 2016 ଦ୍ୱାରା ପ୍ରଣିତ Form-M ପୂରଣ କରି ୩ ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, ଗୁଡାରୀଙ୍କ କାର୍ଯ୍ୟାଳୟ ରେ କେବଳ ରେଜଷ୍ଟ୍ରି ପୋଷ୍ଟ / ସ୍ପିଡ୍ ପୋଷ୍ଟ ମାଧମରେ ଆବେଦନ କରିପାରିବେ (ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖା ଥିବା ଆବଶ୍ୟକ) । ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ଘ ୫:୩୦ ଟିକା ପରେ ପ୍ରପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲିଖିତ ହୁଏ, ତେବେ କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ ସଂଶୋଧନ / ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ (ତହସିଲଦାର) ଗୁଡାରୀଙ୍କ ରହିଅଛି ।

<u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ</u>

୧. ଦରଖାସ୍ତ ପାଉଣା ବାବଦ ଟ 1000ଙ୍କ (ଏକ ହଜାର ଟଙ୍କା) (ଅଣଫେରସ୍ତ) ର ଟ୍ରେଜେରି ଚାଲାଣ (Head of Account - 0853- Non-Ferroys Metallurgical and Minerals Industries -102- Mineral concession Rent and Royalty) ।

୨. ପ୍ରସ୍ତାବିତ ସୈରାତଉତ୍ସର ତଫସିଲ ସହ ଚୌହଦୀର ସଂମ୍ପୂର୍ଣ୍ଣ ବିବରଣୀ ସଂପୃକ୍ତ ସୈରାତଉତ୍ସକୁ ପରିଦର୍ଶନକରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ ।

୩. ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଅନୁଯାଇ ସୈରାତ ଉତ୍ସ ବାବଦୀୟ କୌଣସି ଅର୍ଥ ବକେୟା ନଥିବା ସମନ୍ଧୀୟ ସତ୍ୟପାଠ ।

୪. ନିର୍ଧାରିତ ବଇନା ଧନ (Earnest Money) ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିଯମାବଳୀ ୨୦୧୬ ପ୍ରକାରେ ଏକ ବର୍ଷ ମଧରେ ଉତ୍ତୋଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (Minimum Guaranteed Quantity) ପାଇଁ ରାଜଭଗ (royalty) ସହ ସର୍ବନିମ୍ନ ଅତିରିକ୍ତ ଦେୟ (minimum additional charges) ମୂଲ୍ୟ ର ୫% ପଇଠ ସମ୍ବନ୍ଧେ ପ୍ରମାଣ ପତ୍ର (Demand Draft drawn in favour of Tahasildar, Gudari, Payable at Gudari)

୫. ଏକ ବର୍ଷ ମଧରେ ଉତ୍ତୋଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (Minimum Guaranteed Quantity) ପାଇଁ ଦେୟ ରାଜଭଗ (Royalty) ସହ ଦରଖାସ୍ତକାରୀ ଦେବାକୁ ଚାହୁଁଥିବା ୧୮ ମାସ ବୈଧ ଥିବା Bank Guarantee / ବିଗତ ବର୍ଷର Income Tax Return ସଂଲଗ୍ନ କରିବେ ।

୬. ଲିଜଧାରୀ ନୋଟିସ ମଧରେ ଉଲ୍ଲେଖ କରିଥିବା ସୈରାତ ଉତ୍ସର ଏକ ବର୍ଷ ପାଇଁ ନିଶ୍ଚିତ ପରିମାଣ ର ରୟାଲିଟି ଏବଂ ଅତିରିକ୍ତ ଦାବି (Additional charges) ର ୫% Demand Draft ତହସିଲଦାର ଗୁଡ଼ାରୀ ନାମରେ ଅମାନତରାଶି From-M ସହ ସଂଲଗ୍ନ କରିବେ ଏବଂ ମନୋନୀତ ଲିଜ ଧାରି ୧୫ ଦିନ ମଧରେ OMMC Rule-୨୦୧୬ ରୁଲ ୨୭ ର ଉପଧାରା-୭ ଧାରା ଅନୁଯାୟୀ ବଳକା ଅମାନତ ରାଶି ପଇଠ କରିବେ ।

୭. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ସମ୍ବନ୍ଧୀୟ ଇତ୍ୟାଦି ତଥ୍ୟ ସମସ୍ତ ଦସ୍ତାବିଜ ଗୁଡିକରେ ନିଲାମଧାରୀଙ୍କ **ହସ୍ତାକ୍ଷର** ବା ଟିପଚିହ୍ନ ସହ From-M ରେ ଉପରୋକ୍ତ ନମ୍ବର ପ୍ରକାରେ କ୍ରମାନ୍ୱୟରେ ସଂଲଗ୍ନ କରାଯିବା ଜରୁରୀ ।

୮. ଆବେଦନକାରୀ ନିଜର ଭୋଟ ପରିଚୟ ପତ୍ର / ଆଧାର କାର୍ଡ / ପାନ କାର୍ଡ ସଂଲଗ୍ନ କରିବେ ।

## ବିଶେଷ **ସର୍ତ୍ତାବଳୀ**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ **୨୦୧୬** OMMC (Amendment) Rules- 2016 ଏବଂ ତହସିଲ ହିସାବ ପ୍ରକରଣ ପୁସ୍ତିକା Manual of Tahasil Accounts ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ (ADDITIONAL CHARGES) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ନିଲାମଧାରୀ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ଯଦି ଏକ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।

୩. ଲିଜଧାରୀ **କ୍ଷମତାପ୍ରାପ୍ତ** ଅଧିକାରୀଙ୍କ ଦ୍ୱାରା **ଧାର୍ଯ୍ୟ** ଅମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସର ପନ୍ଦର (୧୫) ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ତହସିଲଦାର, ଗୁଡ଼ାରୀଙ୍କ ନିକଟରେ ଦାଖଲ କରିବେ ।

୪. ଖଣିରେଖାଙ୍କରେ ଦର୍ଶାଯାଇଥିବା ଗଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବଛ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥକୁ ପରିବେଶ ମଞ୍ଜୁରି (Environment Clearance) ଆଣିସାରିଲା ପରେ ପୈଠ କରିବେ ଏବଂ ସଂମ୍ପୂର୍ଣ୍ଣ ରାଶି ପୈଠ ହେଲେ ପରେ 1908 ଓ 1899 ଷ୍ଟାମ୍ପଆକ୍ଟ ଅନୁଯାୟୀ ଚୁକ୍ତିପତ୍ର (Lease deed) ସଂପାଦନ କରିବେ ।

୫. ଲିଜଧାରୀ ଏକ ବର୍ଷର ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ହେବାକୁ ଥିବା Royalty ଓ Additional charges ଓ Environmental Management Fund ର ସମତୂଲ୍ୟ ଅର୍ଥର ଏକ ଚତୁର୍ଥାଂଶ (ଅମାନତ ଅର୍ଥକୁ ବାଦ ଦେଇ) Form-F ରେ ସୂଚନା ପାଇବାର ୧୫ ଦିନ ମଧ୍ୟରେ ଦାଖଲ କରିବେ ଯାହାକି ସୁଧମୁକ୍ତ ଜମାନତ ଭାବେ **କ୍ଷମତାପ୍ରାପ୍ତ** ଅଧିକାରୀଙ୍କ ନିକଟରେ ଲିଜ ଅବଧିର ପରିସମାପ୍ତ ପର୍ଯ୍ୟନ୍ତ ରହିବ।

୬. ଯଦି ସର୍ବୋଚ୍ଚ ରାଜଭାଗ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସିମା ମଧ୍ୟରେ ଅମାନତ ରାଶି ଦାଖଲ କରିବାର ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୭. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରାଜଭାଗ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୮. ନିଲାମଧାରୀମାନେ OMMC (Amendment) Rules- 2016 ର ସମସ୍ତ ସର୍ତ୍ତାବଳୀ ମାନିବା ଓ ସମସ୍ତ ଦେୟ ପଇଠ କରିବା ନିମନ୍ତେ ବାଧହେବେ ।

୯. ଲିଜ୍ ଧାରୀ ଜମାର **{ରାଜଭାଗ + ଅତିରିକ୍ତ ଦେୟ (Additional charge) + ଏକ ବର୍ଷମଧ୍ୟରେ ଉତ୍ତୋଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (Minimum Guaranteed Quantity)}** ର ୨% ଅର୍ଥ ଆୟକର ବାବଦକୁ, ୨% ଅର୍ଥର 10% ଅରିରିକ୍ତ ଅର୍ଥ ଆୟକର ବାବଦକୁ, ୧୦% ଅର୍ଥ District Mineral Foundation Fund (DMF) , ୫% ଅର୍ଥ Compensatory Afforestation (CA) ଏବଂ ୫ % ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମା କରିବେ ।

୧୦. ଦରଖାସ୍ତକାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୧. ଲିଜଧାରୀ ମାଇନିଙ୍ଗ ପ୍ଲାନ ଏବଂ ପରିବେଶ ମଞ୍ଜୁରୀ ପାଇଁ ପ୍ରସ୍ତୁତି ହୋଇଥିବା ଅର୍ଥ ପଇଠ କରିବେ ।

୧୨. ସମ୍ବାଦ / ଧରିତ୍ରୀ ପତ୍ରରେ ବିଜ୍ଞାପନ ପ୍ରକାଶ ପାଇଁ ସମସ୍ତ ଖର୍ଚ୍ଚ ସଫଳ ନିଲାମଧାରି ମାନେ ବହନ କରିବେ ।

୧୩. ଆବଶ୍ୟକ ସ୍ଥଳେ ଖଣିକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କିମ୍ବା ଉନ୍ନତି କରଣ ଖର୍ଚ୍ଚ ନିଲାମଧାରି ନିଜେ ବହନ କରିବେ ।

୧୪. ଜି.ଏସ.ଟି ପଞ୍ଜିକରଣ ସଂଖ୍ୟା (ସମ୍ପୃକ୍ତ ବିଦ୍ୟମାନ ଦସ୍ତାବିଜ ସହ) ଦାଖଲ କରିବା ଜରୁରୀ ଅଟେ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ନିଲାମ ହୋଇ ନପାରିବ, ସେହିଉତ୍ସ ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟଦିବସରେ (ଛୁଟି ଦିନ ବ୍ୟତୀତ) ମିଳିପାରିବ ଏବଂ ଏହି ସମନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ରହିଛି ।

ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି ସୈରାତ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏଥିସହିତ ସଂଲଗ୍ନ କରାଯାଇଅଛି ।

ନିଲାମ ସ୍ଥାନ - **<u>ତହସିଲଦାରଙ୍କ ପ୍ରକୋଷ୍ଠ, ଗୁଡ଼ାରୀ</u>**

ଧାର୍ଯ୍ୟ ତାରିଖ ଓ ସମୟ

| | | |
|---|---|---|
| ପ୍ରଥମ ପର୍ଯ୍ୟାୟ | **୧୨ .୧୦.୨୦୨୨** | ଦିବା ୧୧.00 ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | **୧୮ .୧୦.୨୦୨୨** | ଦିବା ୧୧.00 ଘଟିକା |
| ତୃତୀୟ ପର୍ଯ୍ୟାୟ | **୨୫ .୧୦.୨୦୨୨** | ଦିବା ୧୧.00 ଘଟିକା |

| କ୍ରମିକ ସଂଖ୍ୟା | କେସ୍ ନଂ | ଲଘୁଖଣିଜ ଉତ୍ସର ନାମ | ମୌଜା | ଖାତା ସଂଖ୍ୟା | ଖସଡା ସଂଖ୍ୟା (ପ୍ଲଟ ନମ୍ବର ) | ରକବା ଏକରରେ | କିସମ | ଲଘୁ ଖଣିଜର ନାମ | ଲଘୁ ଖଣିଜ ପଦାର୍ଥର ସର୍ବନିମ୍ନ ଧାର୍ଯ୍ୟ ରାଜସ୍ୱ (per cum) ଟଙ୍କାରେ | ଅତିରିକ୍ତ ଦେୟ (per cum) ଟଙ୍କାରେ | Minimum guaranteed quantity to be lifted per annum | Amount of earnest money |
|---|---|---|---|---|---|---|---|---|---|---|---|---|
| 0୧ | 0୧ | ଗୁଡାରୀ -୧ ବାଲୁକା ଶଯ୍ୟା | ଗୁଡାରୀ / ତଳତାମ୍ପର | ୭୫ , ୨୯ | ୮୭ , ୬୦/୧୦୧ | ୧୨.00 | ନଦୀ | ବାଲି | ୩୫.00 | ୧୫0.00 | ୧୨୦୦୦ cum | ୧, ୧୧,୦୦୦/- |

ତହସିଲଦାର, ଗୁଡ଼ାରୀ

**ଜ୍ଞାପକ ସଂଖ୍ୟା**: ୨୩୭୦ / ୨୦୨୨ ତାରିଖ- ୧୯ .୦୯.୨୦୨୨

ଏହାର ଏକକିତା ନକଲ **ଅତ୍ର କାର୍ଯ୍ୟାଳୟର** ରାଜସ୍ୱ ନିରିକ୍ଷକ **ଗୁଡାରୀଙ୍କୁ** ପ୍ରେରଣ କରାଗଲା ଏବଂ ତାଙ୍କୁ ନିର୍ଦ୍ଦେଶ କରାଗଲା **ଯେ** ସେ ଏହି ବିଜ୍ଞାପନ ର ଏକକିତା ନକଲ ନିଜ **କାର୍ଯ୍ୟାଳୟର** ବିଜ୍ଞାପନ ଫଳକରେ ଲଟକାଇବେ ଓ ଅନ୍ୟ ଏକକିତା ନକଲ ମଣ୍ଡଳର ସମସ୍ତ ଗ୍ରାମରେ **ଧାଣ୍ଡାରା** ମାଧ୍ୟମରେ ବହୁଳ ଭାବରେ ପ୍ରଚାର କରି ତୃତୀୟ କୀଟ ନକଲ ରେ ସମସ୍ତ ବିବରଣୀ ଦର୍ଶାଇ ଏବଂ ଏହି **ସୈରାତ ଉତ୍ସର** ନକ୍ସା ତିଆରି କରି **ନିମ୍ନ ସ୍ୱାକ୍ଷର** କାରିଙ୍କୁ ଧାର୍ଯ୍ୟ ତାରିଖ ୧୫ ଦିନ ପୂର୍ବରୁ ପ୍ରେରଣ କରିବେ ।

ତହସିଲଦାର, ଗୁଡ଼ାରୀ

**ଜ୍ଞାପକ ସଂଖ୍ୟା** : ୨୩୭୧ / ୨୦୨୨ ତାରିଖ- ୧୯ .୦୯.୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ରାୟଗଡା / ଉପ-ଜିଲ୍ଲାପାଳ, ଗୁଣପୁର ମହୋଦୟଙ୍କ ଗୋଚରାର୍ଥେ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ District Informatics Officer, NIC ରାୟଗଡାଙ୍କୁ ଦିଆଗଲା ଏବଂ ଜିଲ୍ଲା ୱେବସାଇଟରେ ଏହି ବିଜ୍ଞାପନ ପ୍ରସାରଣ କରିବା ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଡ଼ାରୀ ଙ୍କୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ର ବିଜ୍ଞାପନ ଫଳକରେ ସର୍ବସାଧାରଣ ଙ୍କ ଗୋଚରାର୍ଥେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ଗୁଡ଼ାରୀ

**ଜ୍ଞାପକ ସଂଖ୍ୟା** : ୨୩୭୨ / ୨୦୨୨ ତାରିଖ- ୧୯ .୦୯.୨୦୨୨

ଏହାର ଏକକିତା ନକଲ ଅତ୍ର କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ, ସର୍ବସାଧାରଣ ଙ୍କ ଗୋଚରାର୍ଥେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ଗୁଡ଼ାରୀ